# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜିଲ୍ଲା-ଜଗତସିଂହପୁର

ବିଜ୍ଞାପନ ସଂଖ୍ୟା......873............/ ତାରିଖ...24.8.26...........

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପତ୍ର ସଂଖ୍ୟା-୪୯୭୦ / WCD ତା. ୧୫ .୦୩. ୨୦୨୩ ଅନୁଯାୟୀ ଶିଶୁ ବିକାଶ ପ୍ରକଳ୍ପ, ତିର୍ତ୍ତୋଲ ଅନ୍ତର୍ଗତ ନିମ୍ନଲିଖିତ ୨ ଗୋଟି ଗ୍ରାମର ନିର୍ଦ୍ଧାରିତ କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ପଦ ପୂରଣ ନିମନ୍ତେ ଇଚ୍ଛୁକ ପ୍ରାର୍ଥିନୀମାନଙ୍କ ଠାରୁ Online ମାଧମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗ୍ରହଣର ଶେଷ ତାରିଖ. ୦୮.୦୯.୨୦୨୬ ଅଟେ । ପ୍ରାର୍ଥିନୀମାନେ ତା.୨୫.୦୯.୨୦୨୬ ରିଖ ରୁ ତା. ୦୮.୦୯.୨୦୨୬ ରିଖ ମଧ୍ୟରେ Online ମାଧମରେ http://engagement-awc.odisha.gov.in website କୁ ଯାୟୀ ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ପ୍ରମାଣପତ୍ର ସହିତ ଆବେଦନ କରିବେ । ନିର୍ଦ୍ଧାରିତ ତାରିଖ ଓ ସମୟ ବାହାରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ନିମ୍ନସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞପ୍ତିକୁ ଆଂଶିକ କିମ୍ବା ସଂପୂର୍ଣ୍ଣ ଭାବେ ନାକଚ କରି ପାରିବେ

| କ୍ର. ନଂ | ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ଗ୍ରାମ ପଞ୍ଚାୟତର ନାମ | କେନ୍ଦ୍ର ପରିମିତ ଅଞ୍ଚଳ (ଅଙ୍ଗନୱାଡି ସର୍ଭେ ଖାତା ଅନୁଯାୟୀ) |
|---|---|---|---|
| ୧ | ପରୁଣା | ଦାଇଁଲୋ | ପରୁଣା - ଘର ନଂ.୧ ଆଲୋକ ମଲ୍ଲିକ ଙ୍କ ଘର ଠାରୁ ଘର ନଂ. ୧୪୫ ସୁଷମା ମଲ୍ଲିକ ଙ୍କ ଘର ପର୍ଯ୍ୟନ୍ତ । |

ନିମ୍ନଲିଖିତ ଯୋଗ୍ୟତା ଥିବା ପ୍ରାର୍ଥିନୀମାନେ ଆବେଦନ କରିପାରିବେ ।

୧) ଯୋଗ୍ୟତା- ପ୍ରାର୍ଥିନୀ ଦରଖାସ୍ତ ଆହ୍ୱାନ କରାଯାଇଥିବା କେନ୍ଦ୍ର ପରିସର ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ । କେବଳ କେନ୍ଦ୍ରପାଇଁ ଚିହ୍ନଟ କରାଯାଇଥିବା ସର୍ଭେ ତାଲିକା ମଧ୍ୟରୁ ଯୋଗ୍ୟ ପ୍ରାର୍ଥିନୀ ଦରଖାସ୍ତ ଆବେଦନ କରିପାରିବେ ।

୨) ବୟସ-ପ୍ରାର୍ଥିନୀଙ୍କ ବୟସ ୦୧.୦୧.୨୦୨୬ ସୁଦ୍ଧା ୧୮ ବର୍ଷରୁ କମ ତଥା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ ।

୩) ଶିକ୍ଷ୍ୟାଗତ ଯୋଗ୍ୟତା- ପ୍ରାର୍ଥିନୀଙ୍କର ଯୋଗ୍ୟତା ଅନ୍ୟୁନ +2 (ଦ୍ୱାଦଶ) ପାସ ହୋଇଥିବ ।

୪) ଆବେଦନକାରୀ ଓଡିଆ ଭାଷା ରେ ସପ୍ତମ / ଦଶମ ଶ୍ରେଣୀ ପାସ କରିଥିବେ ଓ ଓଡିଆ ଭାଷା ରେ ଲେଖି ପଢି ଜାଣିଥିବେ ।

ଉପର ଲିଖିତ ଯୋଗ୍ୟତା ମାନ ଥାଇ ପ୍ରାର୍ଥିନୀ ଯଦି ସମଗ୍ର ଶିକ୍ଷା / ଏନ ପି ଇ ଜି ଇଏଲ ଠାରୁ ଇସିସିଇ ୱାରକର କିମ୍ବା ବାଲୱାଡ଼ି ୱାରକର ଭାବେ ବାଲୱାଡ଼ି ସେଣ୍ଟର ରେ ଅନୁନ୍ୟ ତିନି ବର୍ଷ କାର୍ଯ୍ୟ କରିଥିବେ / ଅନୁସୂଚିତ ଜାତି ଓ ଜନଜାତି / ବିଧବା / ଅନାଥ / ଭିନ୍ନକ୍ଷମ / ପରିତ୍ୟକ୍ତା / ଅସହାୟା / ଅଧିକ ଶିକ୍ଷାଗତ ଯୋଗ୍ୟତା ଯୁକ୍ତା ହୋଇଥିବେ, ତେବେ ସେମାନଙ୍କୁ ସରକାରଙ୍କ ନିୟମ ମୁତାବକ (ମହିଳା ଓ ଶିଶୁବିଭାଗର ପତ୍ର ସଂଖ୍ୟା- ୪୯୭୦ / WCD ତା. ୧୫.୦୩. ୨୦୨୩ ଅନୁଯାୟୀ) ଅତିରିକ୍ତ ମୂଲ୍ୟାଙ୍କନ ଦିଆଯିବ । ପ୍ରାର୍ଥିନୀ ଅଙ୍ଗନୱାଡି ସହାୟିକା ରୂପେ ୫ବର୍ଷ ଅଭିଜ୍ଞତା ଥିଲେ ତାଙ୍କୁ ଅଗ୍ରାଧିକାର ଦିଆଯିବ ।

କିପରି ଆବେଦନ କରିବେ:-

୧) ଆବେଦନକାରିଣୀ Online ମାଧମରେ http://engagement-awc.odisha.gov.in website କୁ ଯାୟୀ ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ପ୍ରମାଣପତ୍ର ଗୁଡିକ Online ମାଧମରେ Upload କରିବେ ।

୨) ପ୍ରାର୍ଥିନୀ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ଅବିକଳ ନକଲ Online ମାଧମରେ Upload କରିବେ।(ବିଜ୍ଞାପନ ପ୍ରକାଶ ପାଇବାର ର ୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ)

୩) ପ୍ରାର୍ଥିନୀ ଜାତିଗତ ପ୍ରମାଣ ପତ୍ରର ଅବିକଳ ନକଲ Online ମାଧମରେ Upload କରିବେ।

୪) ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର (ସାର୍ଟିଫିକେଟ ଓ ମାର୍କସିଟ)ର ଅବିକଳ ନକଲ Online ମାଧମରେ Upload କରିବେ ।

୫) ପ୍ରାର୍ଥିନୀ ବିଧବା (ସ୍ୱାମୀ ଙ୍କ ମୃତ୍ୟୁ ପ୍ରମାଣପତ୍ର) / ଅନାଥ (ସରକାରୀ ସ୍ବୀକୃତିପ୍ରାପ୍ତ ଅନାଥାଶ୍ରମରୁ ପ୍ରମାଣିତ) / ଭିନ୍ନକ୍ଷମ ୪୦% (ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ ଠାରୁ ପ୍ରମାଣିତ) / ପରିତ୍ୟକ୍ତା (ଅଦାଲତରୁ ପ୍ରମାଣିତ) / ଅସହାୟା ଥିଲେ ତାହାର ପ୍ରମାଣପତ୍ର Online ମାଧ୍ୟମରେ Upload କରିବେ।

୬) ବୟସ ପ୍ରମାଣ ପତ୍ରର ଅବିକଳ ନକଲ (ମାଟ୍ରିକ ସାଟିଫିକେଟ), Online ମାଧ୍ୟମରେ Upload କରିବେ।

୭) ପ୍ରାର୍ଥିନୀ ଯଦି ସମଗ୍ର ଶିକ୍ଷା / ନପିଇଜିଇଏଲ ଠାରୁ ଇସିସିଇ ୱାରକର ତିନି ବର୍ଷ କିମ୍ବା ବାଲୱାଡ଼ି ୱାରକର ଭାବେ ବାଲୱାଡ଼ି ସେଣ୍ଟର ରେ ଅନ୍ୟୁନ୍ୟ ତିନି ବର୍ଷ କାର୍ଯ୍ୟ କରିଥିବେ ତେବେ ତାହାର ପ୍ରମାଣ ପତ୍ର Online ମାଧ୍ୟମରେ Upload କରିବେ ।

୮) ଆବେଦନକାରିଣୀ ନିଜର ପାସପୋର୍ଟ ସାଇଜ ଫଟୋ ଏବଂ ଦସ୍ତଖତ Online ମାଧ୍ୟମରେ Upload କରିବେ ।

ପ୍ରାର୍ଥିନୀ ମାନଙ୍କଠାରୁ ପାଇଥିବା ଦରଖାସ୍ତ ଗୁଡିକ ତା. ୦୯.୦୯.୨୦୨୬ ରିଖ ଦିନ ଚୟନ କମିଟି ଦ୍ୱାରା ତିର୍ତ୍ତୋଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ତନଖି କରାଯିବ । ଉକ୍ତ ଦିନ ସକାଳ ୧୦. ୩୦ ଘ. ରୁ ଅପରାହ୍ନ ୩.୦୦ ଘ. ସମୟ ମଧ୍ୟରେ ଆବେଦନକାରୀ ପ୍ରାର୍ଥିନୀମାନେ ସେମାନଙ୍କର ମୂଳ ପ୍ରମାଣପତ୍ର ସହିତ ଅତ୍ର କାର୍ଯ୍ୟାଳୟରେ ନିଜେ ଉପସ୍ଥିତ ରହି ମୂଳ ପ୍ରମାଣପତ୍ର ସହ ଯାଞ୍ଚ କରାଇବା ହେବେ । ନିର୍ଦ୍ଧାରିତ ଦିବସରେ ମୂଳ ପ୍ରମାଣପତ୍ର ସହ ଯାଞ୍ଚ କରେଇ ନପାରିଲେ ଉକ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ସମସ୍ତ ଦରଖାସ୍ତଗୁଡିକୁ ମୂଳ ପ୍ରମାଣପତ୍ର ସହିତ ଯାଞ୍ଚ କଲାପରେ ଏକ ଯୋଗ୍ୟ ଆବେଦନକାରିଣୀଙ୍କ ତାଲିକା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର / ସମ୍ପୃକ୍ତ ଗ୍ରାମ ପଞ୍ଚାୟତ/ ପଞ୍ଚାୟତ ସମିତି / କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ପାଇଁ ତା. ୦୯.୦୯.୨୦୨୬ ରିଖ ଦିନ ଏକ ଚିଠା ପ୍ରକାଶନ କରାଯିବ ।

ଉକ୍ତ ଯୋଗ୍ୟ ତାଲିକା ସମ୍ବନ୍ଧରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଥିଲେ ସେ ସମ୍ବନ୍ଧେ ତା. ୧୦.୦୯.୨୦୨୬ ରିଖ ଠାରୁ ତା.୧୬.୦୯.୨୦୨୬ ମଧ୍ୟରେ ଆପତ୍ତି/ଅଭିଯୋଗ ଅନଲାଇନ ମାଧ୍ୟମରେ http://engagement-awc.odisha.gov.in ୱେବସାଇଟ ରେ କରିପାରିବେ। ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ଲିଖିତ ଆପତ୍ତି / ଅଭିଯୋଗ ଗୁଡିକରେ ଶୁଣାଣୀ କମିଟି ଦ୍ୱାରା ତଦାରଖ କରାଯିବ ।

ଏ ସମସ୍ତ କାର୍ଯ୍ୟକୁ ଭିତ୍ତିକରି ପ୍ରାର୍ଥିନୀ ଚୟନ ପାଇଁ ଚୂଡାନ୍ତ ତାଲିକା ପରବର୍ତ୍ତୀ ସାତ ଦିନ ସୁଦ୍ଧା ପ୍ରକାଶ କରାଯାଇପାରେ ଏବଂ କୌଣସି ଅନିବାର୍ଯ୍ୟ କାରଣ ବଶତଃ ଚୂଡାନ୍ତ ତାଲିକା ପ୍ରକାଶ ପାଇଁ ନୋଟିସ ମଧ୍ୟରେ ପରିବର୍ତ୍ତନ କରାଯାଇପାରେ । ପ୍ରକାଶ ଥାଉ କି ଉକ୍ତ ବିଜ୍ଞାପନ ସମ୍ବନ୍ଧରେ ପରବର୍ତ୍ତୀ ସମୟରେ କିଛି ପରିବର୍ତ୍ତନ ପାଇଁ ନୋଟିସ ଦିଆଯାଇପାରେ କିମ୍ବା କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କ ରହିଅଛି ।

ଆ: ସ୍ୱତନ
୧୨୪।୮।୨୦୨୬
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ତିର୍ତ୍ତୋଲ

ପରିପତ୍ର ସଂଖ୍ୟା ୫୨୭ / ତାରିଖ ୨୭.୫.୨୬

ଏହାର ଏକକିତା ନକଲ ସମ୍ପୃକ୍ତ ପରିଦର୍ଶିକା ଓ ଅଙ୍ଗନୱାଡି କର୍ମୀ ମାନଙ୍କ ନିକଟକୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା ଯେ ସେମାନେ ଏହାକୁ ସମ୍ପୃକ୍ତ କେନ୍ଦ୍ର ର ସେବା ପରିସର ଅଞ୍ଚଳରେ ପ୍ରତି ଘରକୁ ଘର ବୁଲାଇ ସମସ୍ତଙ୍କୁ ଏ ବିଷୟରେ ଅବଗତ କରାଇବା ସହିତ ଦସ୍ତଖତ ମଧ୍ୟ କରାଇବେ ଏବଂ ଦସ୍ତଖତ ହେଲା ପରେ ଏହାକୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତିନି ଦିନ ମଧ୍ୟରେ ଦାଖଲ କରିବେ ।

ଆ: ସ୍ୱତନ
୧୨୪।୮।୨୦୨୬
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ତିର୍ତ୍ତୋଲ

ପରିପତ୍ର ସଂଖ୍ୟା ୪୨୫ ତାରିଖ ୨୪.୮.୨୬

ଏହାର ଏକକିତା ନକଲ ସମ୍ପୃକ୍ତ ସରପଞ୍ଚ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ତାଙ୍କ ପଞ୍ଚାୟତ ଅଧିନସ୍ଥ ଦର୍ଶାଯାଇଥିବା ଅଙ୍ଗନୱାଡି କେନ୍ଦ୍ର ଗ୍ରାମ/ କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳ ରେ ବହୁଳ ପ୍ରଚାର ପାଇଁ ପଦକ୍ଷେପ ନେବେ ଓ ଜନସାଧାରଣ ଙ୍କ ଅବଗତି ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ ସୂଚନା ଫଳକରେ ନଟକାଇବାର ବ୍ୟବସ୍ଥା କରାଇବେ ।

ଆ: ସ୍ୱାକ୍ଷର
୨୪/୮/୨୦୨୬

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ତିର୍ତ୍ତୋଲ

ପରିପତ୍ର ସଂଖ୍ୟା ୪୨୬ / ତାରିଖ ୨୪.୮.୨୬

ଏହାର ଏକକିତା ନକଲ କାର୍ଯ୍ୟାଳୟର ସୂଚନା ଫଳକରେ ନଟକାଇବାକୁ ନିର୍ଦ୍ଦେଶ ଦିଆଗଲା ଓ ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ ,ତିର୍ତ୍ତୋଲ / ସ୍ୱାସ୍ଥ୍ୟ ଅଧିକାରୀ, ମଣିଜଙ୍ଗା / ତହସିଲଦାର, ତିର୍ତ୍ତୋଲ/ ଗୋଷ୍ଠି ସମାଜ ସୁରକ୍ଷା ଅଧିକାରୀ, ତିର୍ତ୍ତୋଲ /ଗୋଷ୍ଠି ଶିକ୍ଷା ଅଧିକାରୀ , ତିର୍ତ୍ତୋଲ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଜନସାଧାରଣ ଙ୍କ ଅବଗତି ନିମନ୍ତେ ସେ ତାଙ୍କ କାର୍ଯ୍ୟାଳୟ ସୂଚନା ଫଳକରେ ନଟକାଇବାର ବ୍ୟବସ୍ଥା କରାଇବେ ।

ଆ: ସ୍ୱାକ୍ଷର
୨୪/୮/୨୦୨୬

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ତିର୍ତ୍ତୋଲ

ପରିପତ୍ର ସଂଖ୍ୟା ୪୨୭ / ତାରିଖ ୨୪.୮.୨୬

ଏହାର ଏକକିତା ନକଲ ଅଧକ୍ଷ /ଉପାଧକ୍ଷ , ପଞ୍ଚାୟତ ସମିତି ତିର୍ତ୍ତୋଲଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଆ: ସ୍ୱାକ୍ଷର
୨୪/୮/୨୦୨୬

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ତିର୍ତ୍ତୋଲ

ପରିପତ୍ର ସଂଖ୍ୟା ୪୨୮ / ତାରିଖ ୨୪.୮.୨୬

ଏହାର ଏକକିତା ନକଲ ଜିଲ୍ଲାପାଳ , ଜଗତସିଂହପୁର / ଉପଜିଲ୍ଲାପାଳ , ଜଗତସିଂହପୁର / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଜଗତସିଂହପୁର / ଅଧକ୍ଷ , ଜିଲ୍ଲାପରିଷଦ , ଜଗତସିଂହପୁର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଆ: ସ୍ୱାକ୍ଷର
୨୪/୮/୨୦୨୬

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ତିର୍ତ୍ତୋଲ